# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30th May - 2025**

**********************************

## ମୁଖ୍ୟ ସମ୍ବାଦ

- ଉଲ୍ଲେଖନୀୟ ସେବାପାଇଁ ୧୫ ଜଣ ନର୍ସଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ସମ୍ମାନ ପ୍ରଦାନ କଲେ ରାଷ୍ଟ୍ରପତି ।

- ନୀଟ୍‌-ପି.ଜି. ପରୀକ୍ଷାକୁ ଗୋଟିଏ ଅଧିବେଶନରେ କରିବାପାଇଁ ଏନ୍‌.ବି.ଇ.କୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ ।

- ତିସ୍ତା ନଦୀ ଦୁର୍ଘଟଣାରେ ଓଡ଼ିଆ ଯାତ୍ରୀଙ୍କ ଉଦ୍ଧାର, ଚିକିତ୍ସା ଓ ପ୍ରତ୍ୟାବର୍ତ୍ତନ ନେଇ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଅବପାତ' ଲଘୁଚାପରେ ପରିଣତ ହେବା ସମ୍ଭାବନା; ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ।

*Desk*

## ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନର୍ସିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ଜଣ ନର୍ସିଂ ବୃତ୍ତିଧାରୀଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର-୨୦୨୫ ପ୍ରଦାନ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନର୍ସ ଏବଂ ନର୍ସିଂ ବୃତ୍ତି କ୍ଷେତ୍ରରେ ଉତ୍କୃଷ୍ଟ ସେବାପାଇଁ  ଏହି ପୁରସ୍କାର ୧୯୭୩ ମସିହାରୁ ପ୍ରଦାନ କରାଯାଉଛି ।

*Desk*

## ନୀଟ୍ - ପି.ଜି.

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ.ଦ୍ୱାରା ପରିଚାଳିତ ନିଟ୍-ପି.ଜି. ପରୀକ୍ଷା-୨୦୨୫କୁ ଗୋଟିଏ ଅଧିବେଶନରେ କରିବା ପାଇଁ ସୁପ୍ରିମ୍‌କୋର୍ଟ ଜାତୀୟ ପରୀକ୍ଷା ବୋର୍ଡ଼ - ଏନ୍.ବି.ଇ.କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରମ୍‌କୋର୍ଟ ଆଜି ଏ ସମ୍ପର୍କିତ ମାମଲାର ଶୁଣାଣି କରି ଦୁଇଟି ଅଧିବେଶନରେ ହେଉଥିବା ପରୀକ୍ଷାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇବା ସହ ଏନ୍.ବି.ଇ.ର ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ପରୀକ୍ଷା ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ସମାନ

ସୁଯୋଗ ମିଳିବା ଉଚିତ୍ ବୋଲି ମତ ପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ନୀଟ୍-ପି.ଜି. ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ ।

*Desk*

## ପ୍ରଭାତୀ ପରିଡ଼ା

ପ୍ରତ୍ୟେକ ଶିଶୁର ଅଭିବୃଦ୍ଧି ପାଇଁ ଏକ ସୁରକ୍ଷିତ ଏବଂ ପୋଷଣକାରୀ ପାରିବାରିକ ପରିବେଶର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। **ପୁରୀ**ଠାରେ ଆଜି ଦୁଇଦିନିଆ ଜାତୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀମତୀ ପରିଡା କହିଛନ୍ତି, ପ୍ରତ୍ୟେକ ଶିଶୁ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ସମାଜକୁ ସମୃଦ୍ଧ ଓ ଶୃଙ୍ଖଳିତ କରିପାରିବ। ଚିନ୍ତା, ଚେତନା, ଶିକ୍ଷା ଓ ପ୍ରତିବଦ୍ଧତାକୁ ପୁନଃ ନିର୍ମାଣ କରିବା ପାଇଁ ଆଜି ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ପୋଷ୍ୟସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଗମ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି ଅବସରରେ ସଫଳ ପୋଷ୍ୟସନ୍ତାନ ଗ୍ରହଣକାରୀଙ୍କ କାହାଣୀକୁ ନେଇ 'ଷ୍ଟୋରୀଜ୍ ଅଫ୍ ହୋପ୍ ଆଣ୍ଡ୍ ହିଲିଂ' ନାମରେ ଏକ କଫି ଟେବୁଲ୍ ବୁକ୍‌ର ଉନ୍ମୋଚନ କରାଯାଇଛି।

*Sambalpur/R*

## ଭୀମ୍‌ସାର - ଉଦ୍‌ଘାଟନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରସ୍ଥିତ ବୁର୍ଲା ଭୀମ୍‌ସାର ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌ର ନୂତନ କୋଠାକୁ ଆଜି ଉଦ୍‌ଘାଟନ କରିଛନ୍ତି । ୧୫୦ କୋଟି ଟଙ୍କାରେ ନିର୍ମିତ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ସେବା ବ୍ୟବସ୍ଥା ରହିଛି । ଏହି ନୂତନ କୋଠାରେ ୮୫ଟି ଶଯ୍ୟାବିଶିଷ୍ଟ ଆଇ.ସି.ୟୁ., ପ୍ଲାଷ୍ଟିକ୍ ସର୍ଜରୀ, ଶିଶୁରୋଗ ସର୍ଜରୀ, ହେମାଟୋଲୋଜି ସମେତ ଏମ୍.ଆର୍.ଆଇ. ଏବଂ ସି.ଟି. ସ୍କାନ୍ ଆଦି ବିଭାଗ ରହିଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

*Kendrapara/R*

## ମୁଖ୍ୟମନ୍ତ୍ରୀ ଗସ୍ତ - ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ଦିନ କେନ୍ଦ୍ରାପଡ଼ା ଗସ୍ତକରି ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଜି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସମସ୍ତ ଆନୁଷଙ୍ଗିକ ଦିଗ ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମାଉସୀମା' ମନ୍ଦିରଠାରୁ ବଳଦେବଜିଉ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା

ଶୋଭାଯାତ୍ରାରେ ସାମିଲ୍ ହେବା ପରେ ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକରେ ଯୋଗଦେବେ । ଆଜି ଅନୁଷ୍ଠିତ ବୈଠକରେ ଏସ୍.ପି. ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲିକଙ୍କ ସମେତ ଜିଲ୍ଲାର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Bhadrak/R***

## ସମୀକ୍ଷା ବୈଠକ

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ କୁଆଁଶ ସ୍ଥିତ ବିଧାନସଭା ନିର୍ବାଚନ ମଣ୍ଡଳି କାର୍ଯ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ଜିଲ୍ଲାରେ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ସାଳନ୍ଦୀ ନଦୀର ପୁନରୁଦ୍ଧାର, ସହର ସୌନ୍ଦର୍ଯ୍ୟକରଣପାଇଁ ୧୫ରୁ ୨୦ କୋଟି ଟଙ୍କା ବ୍ୟୟବରାଦ, ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ, ଟ୍ରାଫିକ୍ ସମସ୍ୟା ଦୂର କରିବା ଓ ରିଙ୍ଗ୍ ରୋଡ୍ ନିର୍ମାଣ ଆଦି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

*Desk*

# ସିକ୍କିମ୍ ଦୁର୍ଘଟଣା

ସିକ୍କିମ୍‌ର ତିସ୍ତା ନଦୀରେ ପର୍ଯ୍ୟଟକ ଗାଡ଼ି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଦୁର୍ଘଟଣାଗ୍ରସ୍ତ ଓଡ଼ିଆ ଯାତ୍ରୀଙ୍କ ଉଦ୍ଧାର, ଚିକିତ୍ସା ଓ ପ୍ରତ୍ୟାବର୍ତ୍ତନ ପାଇଁ ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ୍‌ଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ରାଜ୍ୟ ପରିବହନ ବିଭାଗର ଅତିରିକ୍ତ କମିଶନର ଓ ଯୁଗ୍ମ କମିଶନରଙ୍କ ସମେତ ଏକ ସ୍ୱତନ୍ତ୍ର ଦଳ ସିକ୍କିମ ଗସ୍ତ କରିଛନ୍ତି। ଘଟଣାକୁ ନେଇ ସିକ୍କିମ ସରକାରଙ୍କ ସହ ରାଜ୍ୟ ସରକାର ଯୋଗାଯୋଗରେ ରହିଛନ୍ତି।

ସୂଚନାଯୋଗ୍ୟ, ଗତକାଲି ରାତିରେ ୧୧ଜଣ ପର୍ଯ୍ୟଟକଙ୍କ ସହିତ ଏକ ଗାଡି ଗ୍ୟାଙ୍ଗଟକ୍ ଅଭିମୁଖେ ଯିବା ସମୟରେ ସିକ୍କିମ୍‌ର ଚୁଙ୍ଗ୍‌ଥାଙ୍ଗ୍-ମୁନ୍‌ସିଥାଙ୍ଗ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

*Desk*

# ରଥଯାତ୍ରା

ରଥଯାତ୍ରା ସମୟରେ ୧ ହଜାର ସ୍ୱତନ୍ତ୍ର ବସ୍ ପୁରୀକୁ ଚଳାଚଳ କରିବ ବୋଲି ରାଜ୍ୟ ପରିବହନ କମିଶନର୍ ଅମିତାଭ ଠାକୁର କହିଛନ୍ତି । ପୁରୀ ତାଳବଣିଆ ଏବଂ ମାଳତୀପୁଟପୁରରେ ବସ୍ ରହଣିର ବ୍ୟବସ୍ଥା କରାଯିବ ।

ଗାଡ଼ିମାଲିକମାନେ ଧାର୍ଯ୍ୟଠାରୁ ଅଧିକ ଭଡ଼ା ନେଇପାରିବେ ନାହିଁ ବୋଲି ଘରୋଇ ବସ୍ ମାଲିକ ସଂଘ ସହ ଆଲୋଚନା ପରେ ଶ୍ରୀ ଠାକୁର ସୂଚନା ଦେଇଛନ୍ତି ।

***Malkangiri/R***

## ଲକ୍ଷପତି ଦିଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଆରମ୍ଭ କରାଯାଇଥିବା ଲକ୍ଷପତି ଦିଦି ଯୋଜନା ବର୍ତ୍ତମାନ ଏକ ଆନ୍ଦୋଳନରେ ପରିଣତ ହୋଇଛି । ଲକ୍ଷପତି ଦିଦି ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରୁଛି । ଏ ସମ୍ପର୍କରେ ଏକ ରିପୋର୍ଟ :

***Voice (SRT)*** :.......

***Byte (Malkangiri)*** :.......

***Sonepur/R***

## ବିକଶିତ କୃଷି ସଙ୍କଳ୍ପ ଅଭିଯାନ

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର, ବିନିକା ଓ ସଦର ବ୍ଲକ୍‌ରେ ଆଜି ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକଙ୍କ ସହ ଚାଷୀମାନେ ବିଭିନ୍ନ କୃଷି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଅବସରରେ କୃଷି ଉତ୍ପାଦନକୁ ଦ୍ୱିଗୁଣିତ

କରିବା, ଜୈବିକ କୃଷି, ଜଳ ପରିଚାଳନା ସହ ବିଭିନ୍ନ କୃଷି ପଦ୍ଧତି ସମ୍ପର୍କରେ ବୈଜ୍ଞାନିକମାନେ ଆଲୋକପାତ କରିଥିଲେ ।

*Kalahandi/R*

## ମିଶନ ବାତ୍ସଲ୍ୟ

କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ 'ମିଶନ ବାତ୍ସଲ୍ୟ'କୁ ତ୍ୱରାନ୍ୱିତ କରିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାର ସମସ୍ତ ଅସହାୟ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ ସହ ଏକ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି ସଂକ୍ରାନ୍ତରେ ଉପସ୍ଥିତ ବକ୍ତାମାନେ ଆଲୋଚନା କରିଥିଲେ ।

*Nayagarh/R*

## ଆଇନ ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାମେଶ୍ୱର ସାହିରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ନିଃଶୁଳ୍କ ଆଇନ ସେବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

*Nayagarh/R*

## ଭଞ୍ଜ ଜୟନ୍ତୀ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ମାଳିସାହି ଗ୍ରାମରେ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ 'ଭଞ୍ଜ ଜୟନ୍ତୀ' ପାଳିତ ହୋଇଯାଇଛି । ଓଡ଼ିଆ ଭାଷା 'ଶାସ୍ତ୍ରୀୟ ମାନ୍ୟତା' ପାଇବା କ୍ଷେତ୍ରରେ ଭଞ୍ଜ ସାହିତ୍ୟର ବିଶେଷ ଭୂମିକା ରହିଛି ବୋଲି ବକ୍ତାମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ, ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗ ଦେଇଥିଲେ ।

*Desk*

## ହିନ୍ଦୀ ସାମ୍ବାଦିକତା ଦିବସ

ହିନ୍ଦୀ ସାମ୍ବାଦିକତା କ୍ଷେତ୍ରରେ ପ୍ରଥମ ହିନ୍ଦୀ ଖବର କାଗଜ 'ଉଦନ୍ତ-ମାର୍ତ୍ତଣ୍ଡ'ର ସ୍ମୃତିରକ୍ଷାରେ ପ୍ରତବର୍ଷ ଆଜିର ଦିନକୁ ଦେଶରେ ହିନ୍ଦୀ ସାମ୍ବାଦିକତା ଦିବସ ରୂପେ ପାଳନ କରାଯାଉଛି। ୧୮୨୬ ମସିହା ମଇ ମାସ ୩୦ ତାରିଖରେ ହିନ୍ଦୀ ଭାଷାରେ ପ୍ରଥମ ଖବରକାଗଜ 'ଉଦନ୍ତ-ମାର୍ତ୍ତଣ୍ଡ' ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଳ କିଶୋର ଶୁକ୍ଳ ଏହାକୁ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବରେ ପ୍ରକାଶ କରିଥିଲେ। ଇଂରେଜ ଶାସନ ସମୟରେ ଏହି ଖବରକାଗଜ ଲୋକମାନଙ୍କର ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଥିଲା।

*Desk*

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଉତ୍ତର ଓ ଉତ୍ତରପୂର୍ବ ଦିଗରେ ଗତି କରୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଅବପାତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****